ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

balasoreselfie@gmail.com



@ ଅରିଜିତ୍



@ ରତିକାନ୍ତ



@ ସାର୍ଥକ



@ ହରିପ୍ରିୟା

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ

# ଜିଲାପାଳଙ୍କ ସମ୍ମିଳନୀ କକ୍ଷରୁ ଖସିଲା ସିଲିଂ

ବାରିପଦା ଅଫିସ,୧୧।୧୦

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଫେସିଲିଟେସନ ସମ୍ମିଳନୀ କକ୍ଷର ସିଲିଂ ଖସିପଡ଼ିଛି। ସୋମବାର ସନ୍ଧ୍ୟାରେ ସିଲିଂର ଅର୍ଦ୍ଧାଧିକ ଅଂଶ ଖସି ପଡ଼ିଥିବା ବେଳେ ଦାମୀ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଗୁଡ଼ିକ ଭାଙ୍ଗିରୁଜି ଯାଇଛି। ନିମ୍ନମାନର କାର୍ଯ୍ୟ ଯୋଗୁ ଏଭଳି ଘଟଣା ଘଟିଥିବା ଅଭିଯୋଗ ହୋଇଛି। ତେବେ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ ତରବରିଆ ଭାବେ ଭାଙ୍ଗିଯାଇଥିବା ଅଂଶକୁ ମରାମତି କରାଯାଇଥିବା ବେଳେ ଏଭଳି କାର୍ଯ୍ୟକୁ ସାଧାରଣରେ ନାପସନ୍ଦ କରାଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟରେ ଯଦି ଏଭଳି ନିମ୍ନମାନର କାର୍ଯ୍ୟ ହେଉଛି ତେବେ ଜିଲାରେ ନିର୍ମାଣ ହେଉଥିବା ପ୍ରକଳ୍ପ ଗୁଡ଼ିକ କିଭଳି ଅବସ୍ଥାରେ ଥିବ ସେଥିନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନା ଅନୁଯାୟୀ, ୨୦୧୭ରେ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ ଜିଲାପାଳଙ୍କ ଫେସିଲିଟେସନ ସମ୍ମିଳନୀ କକ୍ଷର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କରାଯାଇଥିଲା। ଶୀତତାପ ନିୟନ୍ତ୍ରିତ ଏହି ଗୃହ ନିମନ୍ତେ ଆବଶ୍ୟକ ଜିପସନ ସିଲିଂ ନିର୍ମାଣ ହେବା ସହିତ ଏଲ୍ଇଡି ଲାଇଟ୍ ଲଗାଯାଇଥିଲା। ସାଢ଼େ ୪ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣକାରୀ ବିଭାଗ ପକ୍ଷରୁ କାର୍ଯ୍ୟ କରାଯାଇଥିଲେ ହେଁ ନିମ୍ନମାନର କାର୍ଯ୍ୟଯୋଗୁ ସିଲିଂ ଖସି ପଡ଼ିଥିବା ଦେଖିବାକୁ ମିଳିଛି।

ସିଲିଂ ଖସି ପଡ଼ିବା ସମୟରେ ସୌଭାଗ୍ୟ ବସତଃ କୌଣସି ବୈଠକ ଚାଲି ନ ଥିଲା, ନଚେତ୍ ଅଧିକାରୀମାନେ ଦୁର୍ଘଟଣାର ସମ୍ମୁଖୀନ ହୋଇଥାନ୍ତେ ବୋଲି କୁହାଯାଉଛି। ନିର୍ମାଣ କାର୍ଯ୍ୟ ବେଳେ ବିଭାଗୀୟ ଯନ୍ତ୍ରୀମାନେ ଉପସ୍ଥିତ ରହୁ ନ ଥିବାରୁ ନିମ୍ନମାନର କାର୍ଯ୍ୟ ହେଉଥିବା ପରିଲକ୍ଷିତ ହୋଇଛି। ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳ ରୁଦ୍ର ନାରାୟଣ ମହାନ୍ତିଙ୍କ ଦୃଷ୍ଟି ଆକର୍ଷଣ ପରେ ଘଟଣାର ତଦନ୍ତ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି। ତେବେ ସିଲିଂ ଖସି ପଡ଼ିବା ଅଭିଯୋଗକୁ ବିଭାଗୀୟ ସହକାରୀ ଯନ୍ତ୍ରୀ ଗୌରହରି କମିଳା ଅସ୍ୱୀକାର କରିଥିବା ବେଳେ ଅତ୍ୟାଧୁନିକ ଭାବେ ଏହାର ନିର୍ମାଣ କରାଯାଉଥିବା ସେ କହିଛନ୍ତି।



ଖସି ପଡ଼ିଥିବା ସିଲିଂ।

# ଟ୍ରକ୍ ମାଲିକ ସଂଘରେ ବଢୁଛି ଅସନ୍ତୋଷ

**ଅବଧି ଶେଷ ପରେ ବି ନିର୍ବାଚନରେ ବିଳମ୍ବ**

**କେନ୍ଦୁଝର,୧୧।୧୦(ସ୍ୱ.ପ୍ର.):** କେନ୍ଦୁଝର ଜିଲା ଟ୍ରକ୍ ମାଲିକ ସଂଘ ପରିଚାଳନା କମିଟିର କାର୍ଯ୍ୟକାଳ ସରି ଯାଇଛି। ଅତିରିକ୍ତ ଜିଲାପାଳ ଚିଠି ନମ୍ବର ୧୬୫୪/୨୫ ଅଗଷ୍ଟ ୨୦୨୨ରେ ଟ୍ରକ୍ ସଂଘର ସାଧାରଣ ସଦସ୍ୟଙ୍କୁ ଜଣାଇଥିଲେ। ଏ ନେଇ କୌଣସି ରିଜୋଲୁସନ ହୋଇ ନ ଥିବାରୁ କମିଟି ଭାଙ୍ଗିଯାଇଛି। କୌଣସି ଆଇନଗତ ସମସ୍ୟା ସୃଷ୍ଟି ହେବା ଆଶଙ୍କାକୁ ଏଡ଼ାଇବା ପାଇଁ ପରାମର୍ଶଦାତା କମିଟି ଦାୟିତ୍ୱ ନେବା ସହ ୩୦ ଅଗଷ୍ଟ ୨୦୨୨ ସୁଦ୍ଧା ସଂଘର ନୀତିନିୟମ ଅନୁଯାୟୀ ନିର୍ବାଚନ କରିବା ପାଇଁ କହିଥିଲେ। ତେବେ ଅଦ୍ୟାବଧି ସଂଘର ପରାମର୍ଶଦାତା କମିଟି ଦାୟିତ୍ୱ ନେଇ ନାହିଁ। ନିର୍ବାଚନ କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରା ନ ଯିବାରୁ ଟ୍ରକ୍ ମାଲିକମାନଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି। ତୁରନ୍ତ ଜିଲା ପ୍ରଶାସନ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ଟ୍ରକ ମାଲିକମାନେ କହିଛନ୍ତି।

ନିର୍ବାଚନ ଅବଧି ସରିବା ପରେ ଓ ଜରୁରିକାଳୀନ ପରିସ୍ଥିତିରେ ପରାମର୍ଶଦାତା କମିଟି ସଂଘର ଦାୟିତ୍ୱ ନେଇ ନିଷ୍ପତ୍ତି ନେଇପାରିବେ ବୋଲି ସଂଘର ଆଇନରେ ରହିଛି। କାର୍ଯ୍ୟକାରିଣୀ କମିଟି ଯଦି କ୍ଷମତା ହସ୍ତାନ୍ତର ନ କରେ ପ୍ରଶାସନକୁ ଜଣାଇ ସମାଧାନର ବାଟ ବାହାର କରିପାରିବେ ବୋଲି ଟ୍ରକ୍ ମାଲିକ ଅୟସକାନ୍ତ ପଟ୍ଟନାୟକ ଓ ଅନ୍ୟମାନେ କହିଛନ୍ତି। ଏ ନେଇ ପରାମର୍ଶଦାତା କମିଟି ସଦସ୍ୟ ବରିଷ୍ଠ ଆଇନଜୀବୀ ଗୋପାଳ ପରିଡ଼ା କହିଛନ୍ତି, ତାଙ୍କୁ ପ୍ରଶାସନ ପକ୍ଷରୁ ସେଭଳି କୌଣସି ଆଦେଶ ହୋଇ ନାହିଁ। ସଂଘ ସମ୍ବିଧାନରେ ମଧ୍ୟ ପରାମର୍ଶଦାତା ସଦସ୍ୟଙ୍କୁ ସେଭଳି କ୍ଷମତା ନାହିଁ। ଏଣୁ ଯଦି ସେଭଳି କ୍ଷମତା ମିଳେ କିମ୍ବା ଆଦେଶ ଆସିଲେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯିବ। ଅତିରିକ୍ତ ଜିଲାପାଳ ସୁଷମା ବିଲୁଙ୍ଗ କହିଛନ୍ତି, ଏ ନେଇ ସେ ଟ୍ରକ୍ ମାଲିକଙ୍କୁ ଚିଠି କରିବା ସହ ପରାମର୍ଶଦାତା କମିଟି ଦାୟିତ୍ୱ ଗ୍ରହଣ କରି ପଦକ୍ଷେପ ନେବାକୁ କୁହାଯାଇଛି। ଦାୟିତ୍ୱ ହସ୍ତାନ୍ତର ବା ନିର୍ବାଚନ କରିବା ପାଇଁ ଥିବା ନିଜ ନିୟମ ଓ ଆଇନକୁ ସେମାନେ ନିଜେ ମାନୁ ନାହାନ୍ତି। ଏଣୁ ଟ୍ରକ୍ ମାଲିକମାନଙ୍କ ଅଭିଯୋଗକୁ କଟକସ୍ଥିତ ଇନ୍ସପେକ୍ଟର ଜେନେରାଲ ରେଜିଷ୍ଟ୍ରେଶନ ଅଫିସକୁ ପଠାଇଛନ୍ତି ।

ବିଭିନ୍ନ କାରଣରୁ ଜିଲାରେ ଲୁହାପଥର ପରିବହନ ବନ୍ଦ ଥିବାରୁ ଟ୍ରକ୍ ସବୁ ରାସ୍ତା କଡ଼ରେ ଛିଡ଼ା ହୋଇଛି। ମାଲିକମାନେ ହାତବାନ୍ଧି ବସିଛନ୍ତି। ଟ୍ରକ୍ ଋଣ ବାବଦକୁ ଅର୍ଥ ପୈଠ କରିପାରୁ ନ ଥିବାରୁ ଅନେକ ଗାଡ଼ି ବିକିବାକୁ ନିଷ୍ପତ୍ତି ନେଇଛନ୍ତି। ତେଲକୋଇ ବ୍ଲକ୍ ଅଞ୍ଚଳର ଜଣେ ଟ୍ରକ୍ ମାଲିକ ଋଣବୋଝ ଯୋଗୁ ଜୀବନ ହାରିବା ଘଟଣା ଚର୍ଚ୍ଚାର ବିଷୟ ହୋଇଥିଲା। ଏଭଳି ପରିସ୍ଥିତିରେ ନିର୍ବାଚନ କରା ନ ଗଲେ ବାଧ ହୋଇ ଅସନ୍ତୋଷ ଆନ୍ଦୋଳନର ରୂପ ନେବ ବୋଲି ପୂର୍ବତନ ସଭାପତି ରାମଚନ୍ଦ୍ର ଭୂୟାଁ କହିଛନ୍ତି।




# ସରକାରୀ ଜମିରୁ କଟା ଗଛ ଜବତ

ସୋର, ୧୧।୧୦ (ଡି.ଏନ୍.ଏ.)

ସୋର ତହସିଲ ଅଧୀନ ନଦିଗାଁ ପଞ୍ଚାୟତ ବଲଦିଆ ଗ୍ରାମରେ ଥିବା ସରକାରୀ ଗୋଚର ଜମିରୁ କଟାଯାଇଥିବା ଗଛକୁ ରାଜସ୍ୱ ବିଭାଗ ପକ୍ଷରୁ ଜବତ କରାଯାଇଛି। ଏହି ଜମିରେ ଥିବା ୩ଟି ଦାମୀ ଆକାଶୀ ଗଛ କେତେଜଣ ବ୍ୟକ୍ତି କାଟି ନେଉଥିବା ସ୍ଥାନୀୟ ଲୋକେ ତହସିଲରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ତହସିଲଦାରଙ୍କ ନିର୍ଦ୍ଦେଶରେ କଡେଇ ସର୍କଲ ରାଜସ୍ୱ ନିରୀକ୍ଷକ ଅରୁଣ କୁମାର ମହାଲିକ ଘଟଣାସ୍ଥଳକୁ ଯାଇ କଟା ଗଛ ଓ କାଠକୁ ଜବତ କରି ଜଣେ ସ୍ଥାନୀୟ ଲୋକଙ୍କ ଜିମାରେ ଦେଇ ତହସିଲଦାରଙ୍କୁ ରିପୋର୍ଟ କରିଛନ୍ତି। ଏହି ଜବତ କାଠକୁ ବନବିଭାଗକୁ ହସ୍ତାନ୍ତର କରାଯିବ।

# ସାଇବର ଠକେଇରୁ ବର୍ତ୍ତିଲେ ଯୁବକ

ବାଲେଶ୍ୱର ଅଫିସ, ୧୧।୧୦

ହ୍ୱାଟସଆପରୁ ପରିଚୟ ହେବା ପରେ ନଗ୍ନ ଭିଡ଼ିଓ କଲ୍ କରି ଫସାଇବାକୁ ଉଦ୍ୟମ କରୁଥିବା ମହିଳାଙ୍କଠାରୁ ଅଳ୍ପକେ ବର୍ତ୍ତିଛନ୍ତି ବାଲେଶ୍ୱର ସହରର ଜଣେ ଯୁବକ। ତେବେ ହ୍ୱାଟସଆପ ଭିଡ଼ିଓ କଲରେ ନିଜର ମୁହଁ ଦେଖାଇ ନ ଥିବାରୁ ସେ ଏଭଳି ଠକାମିର ନିସ୍ତାର ଆଲୋଚନାର ବିଷୟ ହୋଇଛି।

ସୂଚନା ଅନୁଯାୟୀ, ଉକ୍ତ ଯୁବକଙ୍କୁ ମଙ୍ଗଳବାର ଅପରାହ୍ନ ୫ଟା ୩୦ ମିନିଟ୍‌ରେ ହ୍ୱାଟସଆପରେ ଗୋଟିଏ ମେସେଜ ଆସିଥିଲା। ପାୟଲ ନାମରେ ଆସିଥିବା ଏହି ମେସେଜରେ ପ୍ରଥମେ ପରିଚୟ ହେଲା ପରେ ଏହି ନମ୍ବରରୁ ଭିଡ଼ିଓ କଲ ଆସିଥିଲା। ହେଲେ ପୂର୍ବରୁ ଏନେଇ ସଚେତନ ଥିବା ଯୁବକଜଣକ ଭିଡ଼ିଓ କଲରେ ନିଜର ମୁହଁ ଦେଖାଇ ନ ଥିଲେ। ଏହି ସମୟରେ ମହିଳା ଜଣକ ନଗ୍ନ ହେଉଥିବା ଭିଡ଼ିଓ ଦେଖାଯାଇଥିଲା। ସମ୍ପୃକ୍ତ ଯୁବକ ଭିଡ଼ିଓ କଲ୍ କାଟି ଦେଇଥିଲେ। ଏହାପରେ ଜଣେ ବ୍ୟକ୍ତି ନିଜକୁ ପୋଲିସ ପରିଚୟ ଦେଇ ଯୁବତୀଙ୍କ ସହିତ ଖରାପ ସମ୍ପର୍କ ରଖିଛ ବୋଲି ଧମକ ଦେଇଥିଲେ। ତୁରନ୍ତ ଗିରଫ ହେବାକୁ ପ୍ରସ୍ତୁତ ରହିବାକୁ ଧମକ ଦେଇଥିଲେ। ପରେ ଗୁଗୁଲ ପେ ବା ଫୋନ ପେରେ ୫ହଜାର ୧୦୦ ଟଙ୍କା ଦେବାକୁ ଦାବି କରିଥିଲେ। ତେବେ ଠକଙ୍କ ସମ୍ପର୍କରେ ପୂର୍ବରୁ ଅବଗତ ଥିବା ଉକ୍ତ ଯୁବକ ଠକ ବ୍ୟକ୍ତିଙ୍କୁ କଟୁ ଭାଷାରେ ଗାଳିଗୁଲଜ କରିଥିଲେ।

# ମାଳଦାରେ ଲକ୍ଷ୍ମୀପୂଜା ମହୋତ୍ସବ

ଭଣ୍ଡାରିପୋଖରୀ, ୧୧।୧୦(ସ୍ୱ.ପ୍ର.)–ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଧୀନ ମାଳଦା ପଞ୍ଚାୟତ ଜଗନ୍ନାଥ ବଜାର ବଣିକ ସଂଘ ପକ୍ଷରୁ ଆୟୋଜିତ ୫ଦିନ ବ୍ୟାପୀ ଲକ୍ଷ୍ମୀପୂଜା ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ବଜାର କମିଟି ସମ୍ପାଦକ ତଥା ଖବରଦାତା ରାଜେନ୍ଦ୍ର ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବକୁ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଦସ୍ୟ ଉତ୍କଳ କେଶରୀ ମହାନ୍ତି ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଉତ୍କଳ ସାମ୍ବାଦିକ ସଂଘର ଭଦ୍ରକ ଜିଲା ସଭାପତି ତଥା ପ୍ରାକ୍ତନ ସରପଞ୍ଚ ରବିନାରାୟଣ ଖିଲାର ଏବଂ ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ପ୍ରତ୍ୟୁଷ ସାମଲ, ସରପଞ୍ଚଙ୍କ ପ୍ରତିନିଧି ଭାଗୀରଥି ପରିଡ଼ା, ଯୁବନେତା ଦେବେନ୍ଦ୍ର ଦାସ, ପବିତ୍ର ପାଣିଗ୍ରାହୀ, ଖବରଦାତା ସନ୍ତୋଷ ଦାସ, ଅଭୟ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପୂଜା କମିଟି ଓ ସ୍ଥାନୀୟ ଅଞ୍ଚଳବାସୀଙ୍କ ସହଯୋଗରେ ଦୀର୍ଘ ୨୨ ବର୍ଷ ଧରି ପାଳନ ହୋଇଆସୁଥିବା ଏହି ପୂଜା ସମ୍ପର୍କରେ ଅତିଥିମାନେ ବକ୍ତବ୍ୟ ରଖିଥିଲେ। ବଜାର କମିଟି ସଭାପତି କମଳାକାନ୍ତ ସାମଲ ଆଭିମୁଖ୍ୟ ପ୍ରଦାନ ଓ ଖବରଦାତା ଦୁର୍ଯ୍ୟୋଧନ ଲେଙ୍କା ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଜଗାବଳିଆ ଭଜନ କମିଟି ଓ ପ୍ରଖ୍ୟାତ କଣ୍ଠଶିଳ୍ପୀ ଶୁଭ୍ରସ୍ମିତା ରାଉତ ସଙ୍ଗୀତ ଏବଂ ନୃତ୍ୟଶିଳ୍ପୀ ପ୍ରୀତିସ୍ମିତା ସାହୁ, ଅଙ୍କିତା ମହାନ୍ତି, ପ୍ରିତିସା ପ୍ରତିଞ୍ଜଳି, ସୌଦାମିନୀ ବାରିକ ପ୍ରମୁଖ ନୃତ୍ୟ ପରିବେଷଣ କରିଥିଲେ। କର୍ତ୍ତା ଭାବେ ଅନିଲ ଶତପଥୀ, ସୁଦୀପ୍ତା ଶତପଥୀ, ପୂଜକ ନବ କିଶୋର ତ୍ରିପାଠୀ, କାଳନ୍ଦୀ ଦାଶ ଓ ରବୀନ୍ଦ୍ର କର ପୂଜାର୍ଚ୍ଚନା କରିଥିଲେ। ବ୍ୟବସାୟୀ ଦେବାଶିଷ ପଣ୍ଡା, ଧୀରେନ୍ଦ୍ର ନାୟକ, ସୁଦାମ ଦାସ, ଶ୍ୟାମ ଦାସ, ଗଦା ପରିଡ଼ା, ଅଭିମନ୍ୟୁ ଦାସ, ବାବୁଲି ସାମଲ, ନିଶିକାନ୍ତ ସୁତାର, ଶଶିକାନ୍ତ ବେହେରା ପ୍ରମୁଖଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି ପୂଜା ପାଳନ କରାଯାଉଛି।



ମହୋତ୍ସବରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

# ୯୨ ବର୍ଷରେ ବାଲିପାଟଣା ଗଜଲକ୍ଷ୍ମୀ ପୂଜା

**ଧାମନଗର,୧୧।୧୦ (ଡି.ଏନ୍.ଏ.):** ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ଆନନ୍ଦପୁର ପଞ୍ଚାୟତର ବାଲିପାଟଣା ଗ୍ରାମ ଗଜଲକ୍ଷ୍ମୀ ପୂଜା ପାଇଁ ଉତ୍ସବମୁଖର ହୋଇଉଠିଛି। ସୁସଜ୍ଜିତ ତୋରଣ ସାଙ୍ଗକୁ ରଙ୍ଗବେରଙ୍ଗର ଆଲୋକମାଳା ପୂଜା ମଣ୍ଡପକୁ ବେଶ୍ ଆକର୍ଷଣୀୟ କରିଛି। ଏହି ପୂଜା ଚଳିତବର୍ଷ ୯୨ ବର୍ଷରେ ପହଞ୍ଚିଛି। ରବିବାର ରାତିରେ ସ୍ଥାନୀୟ ବୈତରଣୀ ନଦୀର ମାନସିଂହ ଘାଟରୁ ଜଳ ଅଣାଯାଇ ଘଟ ସ୍ଥାପନ କରାଯାଇଥିଲା। ଦୁଇଦିନ ଧରି ମଣ୍ଡପରେ ମା'ଙ୍କ ପୂଜାର୍ଚ୍ଚନା ଚାଲିଥିବା ବେଳେ ଆସନ୍ତା ସୋମବାର ପର୍ଯ୍ୟନ୍ତ ଜାରି ରହିବ। ପୂଜା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି।

ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତି ଜନାର୍ଦ୍ଦନ ସାହୁ କହନ୍ତି, ୧୯୩୦ରେ ପ୍ରଥମେ ସପନି ସାହୁ, ନରେନ୍ଦ୍ର ବେହେରା, ଗୟାଧର ବେହେରା ଓ ଭଗବାନ ସାହୁ ମା'ଙ୍କ ପୂଜା କରିବାକୁ ସ୍ଥିର କରି ଆରମ୍ଭ କରିଥିଲେ। ଗ୍ରାମବାସୀଙ୍କ ବାଡ଼ିରେ ଥିବା ତାଳ ଗଛରୁ ବରଡ଼ା କାଟି ତାଟି ବାନ୍ଧି ପୂଜା ଆରମ୍ଭ କରାଯାଇଥିଲା। ପ୍ରତିବର୍ଷ ପୂଜାର ତିନିମାସ ଆଗରୁ ତାଳଗଛ କାଟି ବରଡ଼ା ସଂଗ୍ରହ ହୋଇଥାଏ। ପୂଜା ପାଇଁ ଗ୍ରାମବାସୀଙ୍କଠାରୁ ଚାନ୍ଦା ଆଦାୟ ହୁଏ। ପୂଜାର ପ୍ରଥମ ଦିନ ଉକ୍ତ ଚାନ୍ଦାରେ ମା'ଙ୍କ ପାଖରେ ଖିରି, ଖେଚୁଡ଼ି ଭୋଗ ଲାଗିଥାଏ। ଏହାକୁ ମା'ଙ୍କ ମୋଉଛୁକ ବୋଲି କହନ୍ତି। ଏହି ମୋଉଛୁକ ଗ୍ରାମବାସୀଙ୍କ ସମେତ ବାଟୋଇଙ୍କୁ ମଧ୍ୟ ଡାକି ପ୍ରଦାନ କରାଯାଏ। ପୂଜାର ଅନ୍ୟ ଦିନଗୁଡ଼ିକରେ ଗ୍ରାମର ଜଣ ଜଣ କରି ନୀତି (ଭୋଗ) ଦେଇଥାନ୍ତି। ପୂଜା ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଅପେରା ୫/୭ ଦିନ ଧରି ମଞ୍ଚସ୍ଥ ହୋଇଥାଏ। ଏବେ ଗ୍ରାମରେ ଜାଗା ସଂକୀର୍ଣ୍ଣ ହେବାରୁ ଆଉ ଅପେରା ହେଉନାହିଁ। ସମୟ କ୍ରମେ ଏକ ସ୍ଥାୟୀ ଗୃହ ନିର୍ମାଣ କରାଯାଇ ମା'ଙ୍କୁ ଆରାଧନା କରାଯାଉଛି। ଗ୍ରାମବାସୀଙ୍କ କହିବା ଅନୁଯାୟୀ ମା'ଙ୍କ ପୂଜା ପାଇଁ ଆଗରୁ ଏକ ମାଟିହାଣ୍ଡି ପ୍ରତ୍ୟେକ ପରିବାରକୁ ଦିଆଯାଉଥିଲା। ପରିବାର ଲୋକେ ରୋଷେଇ କଲାବେଳେ ହାଣ୍ଡିରେ ମୁଠାଏ ଚାଉଳ ପୂଜା ପାଇଁ ରଖିଥାନ୍ତି। ସେହିପରି ଯେଉଁମାନେ ବାହାରକୁ ବ୍ୟବସାୟ କରିବାକୁ ଯାଆନ୍ତି ସେମାନଙ୍କୁ ଗୋଟିଏ ବାକ୍ସ ଦିଆଯାଉଥିଲା। ସେମାନେ ପ୍ରତ୍ୟେକ ଦିନ ବ୍ୟବସାୟକୁ ଗଲାବେଳେ ନିଜ ସକ୍ଷମ ଅନୁସାରେ ବାକ୍ସରେ ଟଙ୍କା ପକାଇଥାନ୍ତି। ଏସବୁକୁ ପୂଜା ସମୟରେ କାର୍ଯ୍ୟରେ ଲଗାଯାଇଥାଏ।



ପୂଜା ପାଉଥିବା ମା' ଲକ୍ଷ୍ମୀଙ୍କ ମୃଣ୍ମୟୀ ମୂର୍ତ୍ତି।



### ସାପ କାମୁଡ଼ାରେ ଅଙ୍ଗନୱାଡ଼ି ହେଲପରଙ୍କ ମୃତ୍ୟୁ

ଠାକୁରମୁଣ୍ଡା,(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଥାନା ଅଧୀନ ସାଲେଇବେଡ଼ା ଗାଁ ଅଙ୍ଗନୱାଡ଼ି କେନ୍ଦ୍ରରେ କାର୍ଯ୍ୟରତ ହେଲପର ଚାପୁଡ଼ି ଗାଗରାଇ (୪୫)ଙ୍କ ମଙ୍ଗଳବାର ସାପ କାମୁଡ଼ାରେ ମୃତ୍ୟୁ ହୋଇଛି। ସେ ଅଙ୍ଗନୱାଡ଼ି କେନ୍ଦ୍ରକୁ ଯାଇଥିବା ବେଳେ ଏକ ବିଷଧର ସାପ ତାଙ୍କୁ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ ହେଁ ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି।

### ଆଜି କ'ଣ କେଉଁଠି

ମୟୂରଭଞ୍ଜ

- ମାଗଣା ଚକ୍ଷୁ ଚିକିତ୍ସା ଶିବିର, ସ୍ଥାନ- ସାମାନ୍ତ ମହାବିଦ୍ୟାଳୟ(ସାରସକଣା ବ୍ଲକ): ସମୟ-ପୂର୍ବାହ୍ନ ୯ଟା।

### ସଂକ୍ଷେପରେ

### ବଦଳି ପରେ ବି ପଞ୍ଚାୟତ ଛାଡୁନାହାନ୍ତି ଜିଆର୍‌ଏସ୍

କେନ୍ଦୁଝର,୧୧।୧୦(ସ୍ୱ.ପ୍ର.): କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ ଅନ୍ତର୍ଗତ ଜଜଙ୍ଗ ପଞ୍ଚାୟତର ଗ୍ରାମ ରୋଜଗାର ସେବକ(ଜିଆରଏସ)ଙ୍କ ବଦଳି ପରେ ବି ପଞ୍ଚାୟତ ଛାଡୁନାହାନ୍ତି ବୋଲି ଅଭିଯୋଗ ହୋଇଛି। ସେ ଦୀର୍ଘ ବର୍ଷ ହେଲା ଉକ୍ତ ପଞ୍ଚାୟତରେ ରହିଥିବା ବେଳେ ଉନ୍ନୟନମୂଳକ କାମରେ ସହଯୋଗ କରୁନାହାନ୍ତି। ବିଭିନ୍ନ ଅସାମାଜିକ କାମରେ ଲିପ୍ତ ରହୁଥିବା ନେଇ ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି। ତେଣୁ ତାଙ୍କୁ ତୁରନ୍ତ ଉକ୍ତ ପଞ୍ଚାୟତରୁ ବଦଳି କରିବାକୁ ଦାବି ହୋଇଛି। ଏ ନେଇ ଚମ୍ପୁଆ ବିଡିଓ ଜ୍ୟୋତ୍ସ୍ନାରାଣୀ ନାୟକ କହିଛନ୍ତି, ସେ ଘଟଣାର ଯାଞ୍ଚ କରି ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବେ।

### ଡେଙ୍ଗୁରେ ମହିଳାଙ୍କ ମୃତ୍ୟୁ

ଖଇରା, ୧୧।୧୦(ଡି.ଏନ.ଏ.): ବାଲେଶ୍ୱର ଜିଲା ଖଇରା ଥାନା ମହତୀପୁର ପଞ୍ଚାୟତ ଅଧୀନ କଣ୍ଟାପଡା ଗ୍ରାମରେ ଡେଙ୍ଗୁରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରରେ ଚିକିତ୍ସିତ ହେଉଥିବା ପୁଷ୍ପାଞ୍ଜଳି ଗିରି(୪୭) ମଙ୍ଗଳବାର ଅପରାହ୍ନରେ ପ୍ରାଣ ହରାଇଛନ୍ତି। ଖବର ପହଞ୍ଚିବା ପରେ କଣ୍ଟାପଡା ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ବୁଦ୍ଧିରାମ ଗିରିଙ୍କ ସ୍ତ୍ରୀ ପୁଷ୍ପାଞ୍ଜଳି ପରିବାର ସହ ୧ମାସ ଧରି ଦିଲ୍ଲୀ, ଦୁର୍ଗାପୁର ଓ ରାଜସ୍ଥାନ ଆଦି ଅଞ୍ଚଳ ବୁଲି ଘରକୁ ଫେରିବା ପରେ ଜ୍ୱରରେ ଆକ୍ରାନ୍ତ ହୋଇଥିଲେ। ଜ୍ୱର ନ ଛାଡିବାରୁ ତାଙ୍କୁ ବାଲେଶ୍ୱର ମେଡିକାଲ ନିଆଯିବା ପରେ ଡେଙ୍ଗୁ ଚିହ୍ନଟ ହୋଇଥିଲା। ପରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍‌ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ।

### ନିଖୋଜ ନାବାଳିକା, ନାବାଳକ ବେଙ୍ଗାଲୁରୁରୁ ଉଦ୍ଧାର

ପଦ୍ମପୁର, ୧୧।୧୦(ଡି.ଏନ.ଏ.): ଭଦ୍ରକ ଜିଲା ବାସୁଦେବପୁର ଥାନା ଅଞ୍ଚଳରୁ ଜଣେ ନାବାଳିକା ଓ ନାବାଳକ ଗତ ୨୨ ତାରିଖରୁ ନିଖୋଜ ଥିଲେ। ଏନେଇ ସେମାନଙ୍କ ପରିବାର ପକ୍ଷରୁ ଅଭିଯୋଗ କ୍ରମେ ବାସୁଦେବପୁର ଥାନାରେ ଏକ ନିଖୋଜ ମାମଲା (ନଂ.୪୩୩/୨୨) ରୁଜୁ ହୋଇଥିଲା। ପୋଲିସ ତଦନ୍ତ କରି ରବିବାର ସେମାନଙ୍କୁ ବେଙ୍ଗାଲୁରୁସ୍ଥିତ ଜିଗିନି ଅଞ୍ଚଳରୁ ଉଦ୍ଧାର କରିଛି। ଉଭୟଙ୍କର ଡାକ୍ତରୀ ପରୀକ୍ଷା ସହ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ବୟାନ ରେକର୍ଡ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### କେନାଲରୁ ବୃଦ୍ଧଙ୍କ ମୃତଦେହ ଜବତ

ଖୁଣ୍ଟା,୧୧।୧୦(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ଏକ କେନାଲରୁ ମଙ୍ଗଳବାର ଜଣେ ବୃଦ୍ଧଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ଛୁରୁଣୀ ଗ୍ରାମର ସାଲଖାନ ମାଝି (୭୫)। ସକାଳେ ସେ ଗ୍ରାମ ନିକଟସ୍ଥ କେନାଲକୁ ଯାଇ ଘରକୁ ଫେରି ନ ଥିଲେ। ପରିବାର ଲୋକେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜା ଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ସନ୍ଧାନ ମିଳି ନ ଥିଲା। ପରେ ତାଙ୍କ ମୃତଦେହ କେନାଲରେ ଭାସୁଥିବା ଦେଖିବାକୁ ମିଳିଥିଲା। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୫୮/୨୨) ରୁଜୁ ହୋଇଛି।

### ପାଟଣା ବଜାର ୨ ଦୋକାନରୁ ଚୋରି

ପାଟଣା,୧୧।୧୦(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ଥାନା ମୁଖ୍ୟାଳୟ ପାଟଣା ବଜାରର ୨ ଦୋକାନରୁ ଚୋରି ହୋଇଛି। ଏକ ମୋବାଇଲ ଦୋକାନ ଆଜବେଷ୍ଟସ ତାଡ଼ି ଦୁର୍ବୃତ୍ତ ଲକ୍ଷାଧିକ ଟଙ୍କାର ସ୍ମାର୍ଟ ଫୋନ୍ ନେଇ ଯାଇଛନ୍ତି ଏକ ପାନ ଦୋକାନ ତାଲା ଭାଙ୍ଗି ଟଙ୍କା ନେଇଥିବା ପାଟଣା ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୋଲିସ ସୂଚନା ମୁତାବକ, ସୋମବାର ବିଳମ୍ବିତ ରାତିରେ ବଜାରରେ ଥିବା ସାଜିଦ୍ ଆନସାରୀଙ୍କ ଆନସାରି ମୋବାଇଲ ଦୋକାନ ଆଜ୍‌ବେଷ୍ଟସ୍ ତାଡ଼ି ଦୁର୍ବୃତ୍ତ ୯ଟି ସ୍ମାର୍ଟ ଫୋନ୍ ନେଇଯାଇଛନ୍ତି, ଏବଂ ଅବିନାଶ ଶତପଥୀଙ୍କ ପାନ ଦୋକାନର ତାଲା ଭାଙ୍ଗି ଟଙ୍କା ନେଇଥିବା ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତି କରି ପୋଲିସ ନଂ. ୨୨୧/୨୨ରେ ଏକ ମାମଲା ରୁଜୁକରି ତଦନ୍ତ ଜାରି ରଖିଛି ବୋଲି ଥାନାଧିକାରୀ ମନୋରଞ୍ଜନ ପ୍ରଧାନ କହିଛନ୍ତି।

## ୮୩ ହେକ୍ଟର ଧାନଜମିରେ ଚକଡ଼ା

ପାଟଣା,୧୧।୧୦(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ୍‌ର ଧାନଜମିରେ ମାଟିଖାଉଣ୍ଡି ଓ ଧଳା ପିଠିଆ (ଚକଡ଼ା) ପୋକ ଲାଗିଛି। ଏହି ପୋକ ଧାନଗଛ କାଣ୍ଡର ରସ ଖାଇ ଦେବା ଫଳରେ ଗଛ ସବୁ ମରିଯାଉଛି। ବିଶେଷ କରି ପୋକ ଲକ୍ଷ୍ମୀ ପ୍ଲସ୍ କିସମର ଧାନରେ ଅଧିକ ଲାଗୁଥିବା କୃଷି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନା ମୁତାବକ ବ୍ଲକ୍‌ର ମୂଷାଖରୀ, ବଡ଼ପାଟଣା, ବୁଡ଼ିକାପୁ, ଚେମେଣା ପଞ୍ଚାୟତ ସହ ସମୁଦାୟ ୨୦ ପଞ୍ଚାୟତର ୧୪ ହଜାର ହେକ୍ଟରରେ ଧାନଚାଷ କରାଯାଇଛି। ସେଥିମଧ୍ୟରୁ ୮୩ ହେକ୍ଟର ଜମିରେ ପୋକ ଲାଗି ନଷ୍ଟ କରିଦେଇଥିବା କୃଷି ବିଭାଗ ପକ୍ଷରୁ ପ୍ରକାଶ। ଫଳରେ ବିଭିନ୍ନ ବ୍ୟାଙ୍କ ଓ ସମବାୟ ସମିତିରୁ ଋଣ କରି ଚାଷ କରିଥିବା ଚାଷୀଙ୍କ ମୁଣ୍ଡରେ ଏବେ ଚଡ଼କ ପଡ଼ିଛି। କୃଷିଋଣ ଛାଡ଼, ସରକାରୀସ୍ତରରେ ସହାୟତା ଯୋଗାଇ ଦେବାକୁ ଚାଷୀ ବଳରାମ ବାରିକ, ସତ୍ୟବାନ ମହାନ୍ତ, ପ୍ରିୟଦର୍ଶିନୀ ମହାନ୍ତ, ମାନସ ମହାନ୍ତ, ବିତ୍ତରଞ୍ଜନ ମହାନ୍ତ, ରମେଶ ମହାନ୍ତ, ପ୍ରତାପ ଚନ୍ଦ୍ର ମହାନ୍ତ, ତ୍ରିଲୋଚନ ମହାନ୍ତ, ଶକୁରି ମହାନ୍ତଙ୍କ ସମେତ ବିଭିନ୍ନ କୃଷକ ସଙ୍ଗଠନ ଦାବି କରିଛନ୍ତି। ଚକଡ଼ା ପୋକ ଲାଗି କ୍ଷତିଗ୍ରସ୍ତ ହୋଇଥିବା ଚାଷୀମାନଙ୍କୁ ଏବେ ସରକାରଙ୍କ ପକ୍ଷରୁ ୫୦ପ୍ରତିଶତ ସବ୍‌ସିଡିରେ କୀଟନାଶକ ଯୋଗାଇ ଦିଆଯାଉଛି ବୋଲି ସହକାରୀ କୃଷି ଅଧିକାରୀ ପରେଶ ଦାଶ ସୂଚନା ଦେଇଛନ୍ତି। ଏଥିସହ ଆଗାମୀ ଦିନରେ ଲକ୍ଷ୍ମୀ ପ୍ଲସ୍ କିସମ ଧାନ ନ କରିବାକୁ କୃଷକଙ୍କୁ ପରାମର୍ଶ ଦେଇଛନ୍ତି।


ଚକଡ଼ା ଲାଗିଥିବା ଧାନ ଗଛ ଦେଖୁଛନ୍ତି କୃଷି ଅଧିକାରୀ।

## ସରୋଜିନୀ ଗାଇଲେ ଗୀତ


ପୂର୍ବତନ ମନ୍ତ୍ରୀ ସରୋଜିନୀ ହେମ୍ବ୍ରମ ଗୀତ ଗାଉଛନ୍ତି।

ବାରିପଦା ଅଫିସ,୧୧।୧୦

ମୟୂରଭଞ୍ଜ ଜିଲା ବାରିପଦା ସହର ଜଗନ୍ନାଥ ମନ୍ଦିର ପାର୍ଶ୍ୱ ଦେଉଳସାହି କୁମାର ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ପ୍ରାକ୍ତନ ମନ୍ତ୍ରୀ ସରୋଜିନୀ ହେମ୍ବ୍ରମ ଗୀତ ଗାଇଛନ୍ତି। କୁମାର ଉତ୍ସବ ପାଳନ ସୁବର୍ଣ୍ଣ ଜୟନ୍ତୀ ଉପଲକ୍ଷେ ଅନ୍ୟତମ ଅତିଥି ଭାବେ ଯୋଗଦେଇଥିବା ବେଳେ ଲୋକଙ୍କ ଅନୁରୋଧ କ୍ରମେ ସେ ଗୀତ ଗାଇଥିଲେ। ସୁଲଳିତ କଣ୍ଠରେ ସେ ଗାଇଥିବା 'ସହରର ସବୁ ବତୀ ଲିଭିଗଲା ପରେ...' ଗୀତ ଦର୍ଶକ ଓ ଶ୍ରୋତାମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଉଲ୍ଲେଖଯୋଗ୍ୟ, ପିଲାବେଳୁ ସଙ୍ଗୀତ ପ୍ରତି ରୁଚି ଥିବା ସରୋଜିନୀ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ନିକଟରେ ମଧ୍ୟ ଗୀତ ଗାଇଥିଲେ। ଏଥିରେ ଖୁସି ହୋଇ ବିଜୁବାବୁ ପୁରସ୍କାର ସ୍ୱରୂପ ତାଙ୍କୁ ଏକ ସ୍କୁଟି ପ୍ରଦାନ କରିଥିଲେ।

## ଭଦ୍ରକ-ଖଡଗପୁର, ବାଲେଶ୍ୱର-ଭଦ୍ରକ ମେମୋ ସମୟ ସାରଣୀ ପରିବର୍ତ୍ତନ

ଜଳେଶ୍ୱର, ୧୧।୧୦(ଡି.ଏନ.ଏ.)

ବାରମ୍ବାର ଦାବି, ଆନ୍ଦୋଳନ ଧମକ ଫଳରେ ମଙ୍ଗଳବାର ରେଳବାଇ ପକ୍ଷରୁ ଖଡଗପୁର-ଭଦ୍ରକ ମଧ୍ୟରେ ଚଳାଚଳ କରୁଥିବା ୨ଟି ପାସେଞ୍ଜର ଟ୍ରେନ୍‌ର ସମୟ ସାରଣୀ ପରିବର୍ତ୍ତନ ହୋଇଛି । କରୋନା ମହାମାରୀ ପୂର୍ବରୁ ଚଳାଚଳ କରୁଥିବା ସବୁ ପାସେଞ୍ଜର ଟ୍ରେନ୍ ଏବେ ପୂର୍ବ ନିର୍ଦ୍ଧାରିତ ସମୟ ଓ ଅପରିବର୍ତ୍ତିତ ଭଡାରେ ଯାତାୟାତ ଦାବିରେ ଜଳେଶ୍ୱରରୁ କେତେକ ସଙ୍ଗଠନ ଏମ୍‌ପି, ଡିଆର୍‌ଏମ୍, ରେଳ ପ୍ରବନ୍ଧକ ଓ ରେଳମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଦକ୍ଷିଣପୂର୍ବ ରେଳବାଇର ଚିଠି ନଂ. ୬୬ ତା ୧୧।୧୦।୨୨ ଅନୁଯାୟୀ ଭଦ୍ରକରୁ ଖଡଗପୁର ରେଳ ଚଳାଚଳର ସମୟ ପରିବର୍ତ୍ତନ କରାଯାଇଛି । ୦୮୦୬୪ ମେମୋ ଟ୍ରେନ୍ ଭଦ୍ରଖରୁ ୧ଟା୨୫ ପରିବର୍ତ୍ତେ ୩.୪୫ରେ ଛାଡିବ ବୋଲି ଚିଠିରେ ଉଲ୍ଲେଖ ରହିଛି । ବାଲେଶ୍ୱରଠାରେ ୪.୪୫ ଓ ଜଳେଶ୍ୱରରେ ୩.୨୩ ପରିବର୍ତ୍ତେ ୫.୫୦ରେ ଓ ଖଡଗପୁରରେ ୫ଟା ପରିବର୍ତ୍ତେ ୭.୧୫ରେ ପହଞ୍ଚିବ ବୋଲି ଦର୍ଶାଯାଇଛି ।

ସେହିପରି ୦୮୦୩୧ ଟ୍ରେନ୍ ବାଲେଶ୍ୱରରେ ୧୨.୧୦ରେ ଛାଡୁଥିବା ବେଳେ ୨.୧୦ରେ ଛାଡିବ ବୋଲି ଦର୍ଶାଯାଇଛି । ଭଦ୍ରକରେ ୧.୨୫ ପରିବର୍ତ୍ତେ ୩.୨୫ରେ ପହଞ୍ଚିବ ବୋଲି ଚିଠିରେ ଉଲ୍ଲେଖ ରହିଛି । ଏହି ୨ଟି ପାସେଞ୍ଜର ଟ୍ରେନ୍‌କୁ ବାଦ୍ ଦେଇ ଅନ୍ୟ ପାସେଞ୍ଜର ଟ୍ରେନ୍‌ରେ ଏକ୍ସପ୍ରେସ୍ ଭଡା ଲାଗୁଥିବାରୁ ଏହାକୁ ପରିବର୍ତ୍ତନ କରିବା ଲାଗି ଦାବି ହେଉଛି । ସେହିପରି ରିଶିକେଷରୁ ପୁରୀ ଯାଉଥିବା ଉତ୍କଳ ଏକ୍ସପ୍ରେସ୍ ଜଳେଶ୍ୱରରେ ରହଣି ଥିବା ବେଳେ ଫେରନ୍ତା ବେଳକୁ ତାହା ଅଟକୁ ନ ଥିବାରୁ ଜନସାଧାରଣଙ୍କ କ୍ଷୋଭ ଚରମସୀମାରେ ପହଞ୍ଚିଛି। ଏସବୁ ଦାବି ପ୍ରତି ଗୁରୁତ୍ୱ ଦେବାକୁ ଜଳେଶ୍ୱରରେ ସମାଜକଲ୍ୟାଣ ବିକାଶ ପରିଷଦର, ରେଳ ୟୁଜର୍ସ କମିଟି, ବରିଷ୍ଠ ନାଗରିକ ପରିଷଦ, ରୋଟାରୀ କ୍ଲବ, ଜଳେଶ୍ୱର ଯୁବ ପରିଷଦ ଓ ଜଳେଶ୍ୱର ବିକାଶ ପରିଷଦ ପକ୍ଷରୁ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

## ପଦଯାତ୍ରା ମାଧ୍ୟମରେ ଶକ୍ତି ପ୍ରଦର୍ଶନ କରୁଛି ବିଜେଡି


ପଦଯାତ୍ରାରେ ସାମିଲ ହୋଇଥିବା ମନ୍ତ୍ରୀ ପ୍ରତାପ ଦେବ, ଏମ୍‌ପି ମଞ୍ଜୁଲତା ମଣ୍ଡଳ, ବିଧାୟକଙ୍କ ସହ ବିଜେଡି ନେତା ଓ କର୍ମୀ।

ଧୂଷୁରୀ, ୧୧।୧୦

ଭଦ୍ରକ ଜିଲା ଧାମନଗର ନିର୍ବାଚନମଣ୍ଡଳୀରେ ଉପନିର୍ବାଚନର ଉଷ୍ମତା ଭିତରେ ବିଜେଡି ଜନସମ୍ପର୍କ ପଦଯାତ୍ରା ମାଧ୍ୟମରେ ଶକ୍ତି ପ୍ରଦର୍ଶନ କରୁଛି। ମଙ୍ଗଳବାର ଧୂଷୁରୀ ଜୋନ୍‌ରେ ବ୍ରାହ୍ମଣପାଳ ପ୍ରସିଦ୍ଧ ଶ୍ୟାମାକାଳୀ ମଣ୍ଡପଠାରୁ ପଦଯାତ୍ରା ବାହାରି ଭଟସାହିଠାରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଶିଳ୍ପ ଓ ଶକ୍ତି ମନ୍ତ୍ରୀ ପ୍ରତାପ ଦେବ, ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଭଦ୍ରକ ଜିଲା ପର୍ଯ୍ୟବେକ୍ଷକ ପ୍ରଣବ ବଳବନ୍ତରାୟ, ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ, ଧାମନଗର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ରାଜେନ୍ଦ୍ର ଦାସ, ବରି ବିଧାୟିକା ସୁନନ୍ଦା ଦାସ, ରାଜ୍ୟସଭା ସଦସ୍ୟ ମୁନ୍ନା ଖାଁ, କୋରେଇ ବିଧାୟକ ଅଶୋକ ବଳ, ଭଦ୍ରକ ଜିଲା ସଭାପତି ଜଗନ୍ନାଥ ସ୍ୱାଇଁ, ଜିଲା ପରିଷଦ ଉପାଧ୍ୟକ୍ଷା ଚୁନିବାଳା ବିଶ୍ୱାଳ, ସଭ୍ୟ ପ୍ରଦୀପ ମଲ୍ଲିକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ, ଜୋନ୍‌ର ସମସ୍ତ ସରପଞ୍ଚ, ସମିତିସଭ୍ୟ ଓ ବିଜେଡି କର୍ମୀମାନେ ଏଥିରେ ଯୋଗ ଦେଇଥିଲେ। ସଭାରେ ରାଜ୍ୟ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା। ବ୍ଲକ ସଭାପତି ଉମେଶ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଭାଜପା ଏବଂ କଂଗ୍ରେସର କେତେଜଣ ନେତା ଓ ଛାମୁଆ କର୍ମୀ ସାମିଲ ହୋଇଥିଲେ। ଉପନିର୍ବାଚନ ଥିବାରୁ ବିଜେଡିପଦଯାତ୍ରାରେ ପ୍ରତ୍ୟେକ ଦିନ ବିଭିନ୍ନ ମନ୍ତ୍ରୀ ଓ ବିଧାୟକ ସାମିଲ ହୋଇ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଲୋକଙ୍କୁ ଭୋଟ ନିବେଦନ କରୁଥିବା ଦେଖିବାକୁ ମିଳିଛି।

## କଲେଜ ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ

ରୂପସା, ୧୧।୧୦(ଡି.ଏନ.ଏ.)

ବାଲେଶ୍ୱର ଜିଲା ସିଂଲା ଥାନା ଅଧୀନ ସାର୍ଥା କଲେଜରେ ପଢୁଥିବା ଜଣେ କଲେଜ ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ଏକ ଘରୋଇ ଛାତ୍ରୀ ନିବାସରେ ଏହି ଘଟଣା ଘଟିବା ପରେ ବିଭିନ୍ନ ମହଲରେ ଚର୍ଚ୍ଚା ଜୋର ଧରିଛି। ମୃତ ଛାତ୍ରୀ ହେଲେ ଯୁକ୍ତ ୨ ପ୍ରଥମ ବର୍ଷ ବିଜ୍ଞାନ ଛାତ୍ରୀ। ସେ ଦୁର୍ଗା ପୂଜା ଛୁଟିରେ ଘରକୁ ଆସି ଗତ ସୋମବାର ପୁଣି ମେସକୁ ଫେରିଥିଲେ। ସେ ରହୁଥିବା ମେସ୍‌ରେ ଉପର ଭାଗରେ ଝିଅ ପିଲା ରହୁଥିବା ବେଳେ ତଳେ ପୁଅ ପିଲା ରହୁଥିଲେ। ତେବେ ମେସରେ ସେ ରାତିରେ କିଛି ଖାଇ ନ ଥିବା ବେଳେ ସକାଳ ସମୟରେ ନିତ୍ୟକର୍ମ ସାରି ରୁମରେ ପହଞ୍ଚିବା ପରେ ତଳେ ପଡ଼ିଯାଇଥିଲେ। ତାଙ୍କ ପାଟିରୁ ଫେଣ ବାହାରୁଥିବା ଦେଖି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ହେଲେ ଡ଼ାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ଏନେଇ କଲେଜ କର୍ତ୍ତୃପକ୍ଷ ଘଟଣା ସମ୍ପର୍କରେ କିଛି ଜାଣି ନ ଥିବା କହିଛନ୍ତି। ପୋଲିସ ତଦନ୍ତ କରୁଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ଥାନାଧିକାରୀ କହିଛନ୍ତି।

## ଗାଁରୁ ହାତୀପଲ ଘଉଡ଼ାଇଲା ବନ ବିଭାଗ


ବନ ବିଭାଗ ଦ୍ୱାରା ଗ୍ରାମରୁ ହାତୀ ଘଉଡ଼ାଯାଉଛି।

### ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ ପରେ ତତ୍ପରତା

ଚମ୍ପୁଆ,୧୧।୧୦(ଡି.ଏନ.ଏ)

କେନ୍ଦୁଝର ଜିଲା ଚମ୍ପୁଆ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ଗ୍ରାମବାସୀ ଘେରାଉ କରିବା ପରେ ବନ ବିଭାଗ ତତ୍ପରତା ଦେଖାଇଛି। ସୋମବାର ରାତିରେ ପୋଲିସ, ଗ୍ରାମବାସୀଙ୍କ ସହଯୋଗରେ ହାତୀପଲଙ୍କୁ ଗ୍ରାମରୁ ଘଉଡ଼ାଇବାରେ ସଫଳ ହୋଇଛି। ରାତିସାରା ଭାରପ୍ରାପ୍ତ ରେଞ୍ଜର ସଞ୍ଜୀବ୍ ରାଉତଙ୍କ ନେତୃତ୍ୱରେ ଗଜସାଥୀ, ଜିଲା ଏନ୍‌ଫୋର୍ସମେଣ୍ଟ, ହାତୀସ୍କ୍ୱାଡ୍ ଓ ଗ୍ରାମବାସୀ ମିଶି ୨୨ ଟିକିଆ ହାତୀପଲଙ୍କୁ ୨୦ କି.ମି. ଦୂର ବର୍ଦ୍ଧନା ଜଙ୍ଗଲ ମଧ୍ୟକୁ ପ୍ରବେଶ କରାଇଥିବା ଶ୍ରୀ ରାଉତ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଚମ୍ପୁଆ ରେଞ୍ଜ ପତଳା ଗ୍ରାମରେ ୬ ଦିନ ଧରି ହାତୀପଲ ଉତ୍ପାତ କରୁଥିଲେ। ହାତୀ ଉପଦ୍ରବରେ ଜନଜୀବନ ପ୍ରତି ବିପଦ ଦେଖାଦେଇଥିବା ବେଳେ ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ଏକର ଧାନଫସଲ ଉଜୁଡ଼ି ଯାଇଛି। ଏଥିରେ ଉତ୍କ୍ଷିପ୍ତ ହୋଇ ୧୫୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ସୋମବାର ୨ ଘଣ୍ଟା ଧରି ରେଞ୍ଜ କାର୍ଯ୍ୟାଳୟ ଘେରାଉ କରିଥିଲେ।

## ମାରଣାସ୍ତ୍ର ସହ ବାଇକ୍ ଜବତ, ୪ ଗିରଫ

ବଡ଼ବିଲ,୧୧।୧୦(ସ୍ୱ.ପ୍ର.)

### ଡକାୟତି ଯୋଜନା ପଣ୍ଡ

କେନ୍ଦୁଝର ଜିଲା ବଡ଼ବିଲ ଥାନା ପୋଲିସ ଏକ ଡକାୟତି ଯୋଜନାକୁ ପଣ୍ଡ କରିଛି। ଘଟଣାରେ ପୋଲିସ ବିଭିନ୍ନ ମାରଣାସ୍ତ୍ର ସହ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବଡ଼ବିଲ ଦାମୁହଟିଂ ଅଞ୍ଚଳର ଗଞ୍ଜାମ ସ୍ୱାଇଁ, ଭୁଷୁ ପାତ୍ର, ବଡ଼ବିଲ ଆଜାଦ ବସ୍ତି ଅଞ୍ଚଳର ଏମ୍‌ଡି ସାଜିଦ ଓ ବଡ଼ବିଲ ଗାଡ଼ାହଟିଂ ଅଞ୍ଚଳର ଦେବେନ୍ଦ୍ର କାରୁଆ।

ସୂଚନା ଅନୁଯାୟୀ, ରବିବାର ବିଳମ୍ବିତ ରାତିରେ ଥାନା ଅନ୍ତର୍ଗତ କଳିଙ୍ଗ ନଗର ଖେଳପଡ଼ିଆରେ କେତେକ ଅସାମାଜିକ ଯୁବକ ଡକାୟତି ଯୋଜନା କରୁଥିଲେ। ପୋଲିସ ସୂଚନା ପାଇ ଘଟଣାସ୍ଥଳରେ ଚଢ଼ାଉ କରିଥିଲା। ପୋଲିସ ଗାଡ଼ି ଦେଖି ୭ ଜଣ ଅଭିଯୁକ୍ତ ଖସି ପଳାଇଥିବା ବେଳେ ଘଟଣା ସ୍ଥଳରୁ ଏକ ବନ୍ଧୁକ, ଏକ ଖଣ୍ଡା ଓ ବାଇକ ଜବତ କରିବା ସହ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏ ନେଇ ବଡ଼ବିଲ ଥାନା କେଶ ନଂ. ୨୪୭/୨୦୨୨ରେ ଏକ ମାମଲା ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ ସୋମବାର ସନ୍ଧ୍ୟାରେ କୋର୍ଟଚାଲାଣ କରାଯାଇଥିବା ବଡ଼ବିଲ ଥାନା ଆଇଆଇସି ରାଜେନ୍ଦ୍ର ସ୍ୱାଇଁ ସୂଚନା ଦେଇଛନ୍ତି।


ଜବତ ବନ୍ଧୁକ ଓ ଖଣ୍ଡା।

## ରାସ୍ତା ସମସ୍ୟା ଦୂର ସହ ନିଯୁକ୍ତି ଦାବି

### ଓସ୍ତପୁରା ପଥରଖଣି ପାଇଁ ଜନଶୁଣାଣି

ଘସିପୁରା,୧୧।୧୦(ଡି.ଏନ୍.ଏ.)

କେନ୍ଦୁଝର ଜିଲା ଘସିପୁରା ତହସିଲ ଅନ୍ତର୍ଗତ ଭୋଳନୂଆଗାଁ କ୍ଲଷ୍ଟରର ଓସ୍ତପୁର ଠାରେ ୧୦.୯୨୫ ହେକ୍ଟର ପରିମିତ ପଥର ଖଣିର ନିଲାମ ପ୍ରକ୍ରିୟା ଶେଷ ହୋଇଛି। ପରିବେଶ ମଞ୍ଜୁରୀ ଦୃଷ୍ଟିରୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ଆନୁକୂଲ୍ୟରେ ମଙ୍ଗଳବାର ଓସ୍ତପୁରା ଆଶ୍ରମ ବିଦ୍ୟାଳୟ ନିକଟରେ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଖଣି ସଂଲଗ୍ନ ବିଭିନ୍ନ ଗ୍ରାମର ଅଧିବାସୀ ରଞ୍ଜନ ମିଶ୍ର, ନିରଞ୍ଜନ ନାୟକ, ପ୍ରଦୀପ ଚକ୍ର, ବିଜୟ ମହାକୁଡ଼, ରାମଚନ୍ଦ୍ର ନାୟକ, ସନ୍ଦୀପ ମହାନ୍ତି, ବନ୍ଦିତା ପାତ୍ର, ତିଲୋତ୍ତମା ମହାକୁଡ଼, ବିପିନ ବିହାରୀ ହାଂସଦା, ସତ୍ୟନାରାୟଣ ସାହୁ ପ୍ରମୁଖ ଯୋଗ ଦେଇ ଖଣିକୁ ସମର୍ଥନ ଜଣାଇଥିଲେ। ମାତ୍ର ଅଞ୍ଚଳରେ ଥିବା ରାସ୍ତା ସମସ୍ୟା ଦୂର କରିବା ସହ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦେବାକୁ ଦାବି କରିଥିଲେ। ଜିଲା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀ ପ୍ରଶାନ୍ତ କର କାର୍ଯ୍ୟକ୍ରମ ଅଧ୍ୟକ୍ଷତା କରିଥିଲେ। ଅତିରିକ୍ତ ଜିଲାପାଳ ଯଦୁମଣି ମହଲା ସରକାରୀ ନିୟମ ମୁତାବକ ପ୍ରଭାବିତ ଗ୍ରାମବାସୀଙ୍କୁ ସମସ୍ତ ସୁବିଧା ଯୋଗାଇ ଦିଆଯିବ ବୋଲି ପ୍ରକାଶ କରିଥିଲେ। ବର୍ତ୍ତମାନ ଅତ୍ୟାଧୁନିକ ପ୍ରଣାଳୀରେ ପଥର ବ୍ଲାଷ୍ଟିଂ କରାଯାଉଥିବାରୁ ଲୋକମାନେ ବିଶେଷ ପ୍ରଭାବିତ ହେବେ ନାହିଁ ବୋଲି ଲିଜ୍‌ଧାରୀ କହିଥିଲେ।


ଜନଶୁଣାଣିରେ ଉପସ୍ଥିତ ଜିଲା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀ ପ୍ରଶାନ୍ତ କର, ଅତିରିକ୍ତ ଜିଲାପାଳ ଯଦୁମଣି ମହଲା।

## ପୁଅ ଚିକିତ୍ସା ଚିନ୍ତାରେ ମା'ବାପା

ବାଲେଶ୍ୱର ଅଫିସ, ୧୧।୧୦

ବାଲେଶ୍ୱର ଜିଲା ଖନ୍ତାପଡ଼ା ଥାନା ଅଧୀନ ତାଳପଦା ଗ୍ରାମର ସୁଶାନ୍ତ ପଟ୍ଟନାୟକ ଓ ସ୍ତ୍ରୀ ସଞ୍ଜୁଲତାଙ୍କ ୨ବର୍ଷର ପୁଅ ପୀୟୁଷ। ଜନ୍ମ ହେବାର ୨୫ଦିନ ପରେ ତାଙ୍କ କିଡ୍‌ନୀ ଖରାପ ଥିବା ଜଣାପଡିବା ପରେ ମା' ବାପା କଟକର ଏକ ଘରୋଇ ହସ୍‌ପିଟାଲରେ ଅପରେଶନ କରାଇଥିଲେ। ପୁଅ ଭଲ ହୋଇଯିବାର ସ୍ୱପ୍ନ ଦେଖି ମା'ବାପା ଚିକିତ୍ସା କରିବାରେ ସବୁ ଅର୍ଥ ଲଗାଇ ଦେଇଥିଲେ। ହେଲେ ସେ ସମ୍ପୂର୍ଣ୍ଣ ନିରୋଗ ହୋଇପାରି ନ ଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଅନ୍ୟ ଏକ କିଡ୍‌ନୀରେ ସମସ୍ୟା ଥିବା ଜଣାପଡ଼ିବା ସହ ହାର୍ଟରେ କଣା, ଫୁସ୍‌ଫୁସ୍‌ରେ ସଂକ୍ରମଣ, ହାର୍ନିଆ ଓ ପୋଲିଓରେ ଆକ୍ରାନ୍ତ ହୋଇଥିବା ଜଣାପଡିଥିଲା। ମା'ବାପା ପୁଣି ପୁଅକୁ ଧରି କଟକ ବଡ଼ ଡାକ୍ତରଖାନାଠାରୁ ଆରମ୍ଭ କରି କୋଲକାତା ପର୍ଯ୍ୟନ୍ତ ଦୌଡି ଦୌଡି ନିରାଶ ହୋଇପଡିଛନ୍ତି। ଶେଷରେ ପୁଅର ଚିକିତ୍ସା ପାଇଁ ଆର୍ଥିକ ସହାୟତା ଲାଗି ଶେଷରେ ସୋମବାର ଜିଲା ପ୍ରଶାସନ ନିକଟରେ ଗୁହାରି କରିଛନ୍ତି।

ସୁଶାନ୍ତ ଗତ ୨୦୧୫ରେ ବିବାହ ପରେ ଗୁଜୁରାଟର ଏକ ଟାଇଲ୍‌ସ କମ୍ପାନୀରେ ରହି କାମ କରିବା ସହ ବେଶ୍ ଦି ପଇସା ଆୟ କରିଥିଲେ। ମହାମାରୀ କରୋନା ସମୟରେ ଘରକୁ ଫେରି ଗଚ୍ଛିତ ଟଙ୍କାରେ ଏକ ବୋଟ୍ କିଣି ମାଛ ବ୍ୟବସାୟରେ ଲଗାଇଥିଲେ। ସେଥିରେ ମଧ୍ୟ କିଛି ପଇସା କମାଇ ପରିବାରରେ ଥିବା ବୃଦ୍ଧ ମା'ବାପା ଓ ସ୍ତ୍ରୀ ସହିତ ଭଲରେ ସମୟ ଅତିବାହିତ ହୋଇଥିଲା। ଗତ


ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ପୁଅ ସହ ମା'ବାପା।

### ବାଧକ ସାଜିଛି ଅର୍ଥ

୨୦୨୦ ନଭେମ୍ବରରେ ପୁଅଟିଏ ଜନ୍ମ ହୋଇଥିଲା। ଜନ୍ମର କିଛିଦିନ ପରେ ସେ ରୋଗାଗ୍ରସ୍ତ ହୋଇଥିଲା। ନିକଟରେ ଥିବା ସମସ୍ତ ଟଙ୍କା ସହିତ ଜମି ବିକ୍ରି ଓ ସ୍ତ୍ରୀର ଗହଣା ସବୁ ବିକ୍ରି କରି ଅଦ୍ୟାବଧି ପୁଅ ପଛରେ ୧୩ଲକ୍ଷ ୬୫ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରିସାରିଲେଣି। ଏବେ ପରିବାର ଭରଣପୋଷଣ ପାଇଁ ଟଙ୍କାଟିଏ ନ ଥିବା ବେଳେ ଦିନମଜୁରିଆ ଭାବେ କାର୍ଯ୍ୟ କରୁଛନ୍ତି। ଏପରିକି ପୁଅକୁ ଚିକିତ୍ସା କରିବା ପାଇଁ ମାସରେ ଅଧାରୁ ଅଧିକ ଦିନ ବିଭିନ୍ନ ଡାକ୍ତରଖାନାରେ ସମୟ ବିତାଉଥିବାରୁ ପରିବାର ଚଳାଇବାକୁ ମଧ୍ୟ ଅସମର୍ଥ ହୋଇପଡିଛନ୍ତି। ମିଳୁଥିବା ସରକାରୀ ରାଶନ କାର୍ଡ଼ର ସାମଗ୍ରୀକୁ ନେଇ ପରିବାର ଚଳୁଥିବା ସେ ପ୍ରକାଶ କରିଛନ୍ତି। ଏପରି ଅବସ୍ଥାରେ ପୁଅକୁ ବଞ୍ଚାଇବା ପାଇଁ ଆବଶ୍ୟକ ଅର୍ଥ କେଉଁଠୁ ଆଣିବେ ଚିନ୍ତା କରି ଦିନ ସରୁନି। କୌଣସି ସହୃଦୟ ବ୍ୟକ୍ତି ସହଯୋଗର ହାତ ବଢ଼ାଇବାକୁ ଚାହୁଁଥିଲେ ସୁଶାନ୍ତଙ୍କ ମୋବାଇଲ୍ ନଂ. ୬୩୫୩୨୪୭୩୬୭ରେ ଯୋଗାଯୋଗ କରିବାକୁ ଅନୁରୋଧ କରିଛନ୍ତି।

